# Visit to India of H.E. Sheikh Dr. Ahmed Nasser Al-Mohammad Al-Sabah, Foreign Minister and MOS for Cabinet Affairs, State of Kuwait (March 17-18, 2021)

March 18, 2021

---

# କୁଏତର ବୈଦେଶିକ ମନ୍ତ୍ରୀ ତଥା କ୍ୟାବିନେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଶେଖ ଡକ୍ଟର ଅହମ୍ମଦ ନାସିର ଅଲ-ମହମ୍ମଦ ଅଲ-ସବାଙ୍କ ଭାରତ ଗସ୍ତ (17-18 ମାର୍ଚ୍ଚ 2021)

ମାର୍ଚ୍ଚ 18, 2021

କୁଏତର ବୈଦେଶିକ ମନ୍ତ୍ରୀ ତଥା କ୍ୟାବିନେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଶେଖ ଡକ୍ଟର ଅହମ୍ମଦ ନାସିର ଅଲ-ମହମ୍ମଦ ଅଲ-ସବା 17-18 ମାର୍ଚ୍ଚ 2021 ରେ ମାନ୍ୟବର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କରଙ୍କ ନିମନ୍ତ୍ରଣ କ୍ରମେ ଭାରତ ଗସ୍ତରେ ଆସିଥିଲେ। 18 ମାର୍ଚ୍ଚ 2021 ରେ ଉଭୟ ମନ୍ତ୍ରୀ ସାକ୍ଷାତ କରି ଭାରତ-କୁଏତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିଥିଲେ ଏବଂ ଆଞ୍ଚଳିକ ବିକାଶ ଉପରେ ଆଲୋଚନା କରିଥିଲେ। ଦୁଇ ଦେଶ ମଧ୍ୟରେ ପାରମ୍ପାରିକ ତଥା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ଗତିଶୀଳ କରିବାର ଉପାୟ ଏବଂ ମାଧ୍ୟମ ଉପରେ ସେମାନେ ଆଲୋଚନା କରିଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ବୋଧିତ କରି କୁଏତର ପ୍ରଧାନମନ୍ତ୍ରୀ ମାନ୍ୟବର ଶେଖ ସବା ଖାଲେଦ ଅଲ-ହମାଦ ଅଲ-ସବାଙ୍କ ଏକ ପତ୍ର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶେଖ ଡକ୍ଟର ଅହମ୍ମଦ ନାସିର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

ଏହି ଗସ୍ତ ସମୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ପାଇଁ ବୈଦେଶିକ ମନ୍ତ୍ରୀ ସ୍ତରରେ ମିଳିତ ମନ୍ତ୍ରୀ ଆୟୋଗ ଗଠନ ଉପରେ ଏକ ମିଳିତ ବିବୃତ୍ତି ଜାରି କରାଯାଇଛି। ମିଳିତ ଆୟୋଗ ବୈଠକ (ଜେସିଏମ୍) ସମସ୍ତ ଦ୍ୱିପାକ୍ଷିକ ଆନୁଷ୍ଠାନିକ ଯୋଗଦାନ ଯେପରିକି ବୈଦେଶିକ କାର୍ଯ୍ୟାଳୟ ସ୍ତରୀୟ ବିଚାରବିମର୍ଷ ଏବଂ ମିଳିତ କାର୍ଯ୍ୟଗୋଷ୍ଠୀ ପାଇଁ ଏକ ଛତା ଭାବରେ କାର୍ଯ୍ୟ କରିବ। ହାଇଡ୍ରୋକାର୍ବନ୍, ଶ୍ରମଶକ୍ତି ଏବଂ ଗତିଶୀଳତା ଏବଂ ସ୍ୱାସ୍ଥ୍ୟସେବା ଉପରେ ଥିବା ମିଳିତ କାର୍ଯ୍ୟଗୋଷ୍ଠୀ ବ୍ୟତୀତ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ପ୍ରତିରକ୍ଷା ଏବଂ ସୁରକ୍ଷା ଆଦି କ୍ଷେତ୍ରରେ ନୂତନ ମିଳିତ କାର୍ଯ୍ୟଗୋଷ୍ଠୀ ଗଠନ କରିବାକୁ ଯୋଜନା କରାଯାଇଛି।

ବୈଦେଶିକ ମନ୍ତ୍ରୀ ମାନ୍ୟବର ଶେଖ ଡକ୍ଟର ଅହମ୍ମଦ ନାସିର ଫେବୃଆରୀ 2021 ରେ କୁଏତକୁ 200,000 ଡୋଜ ଭାରତ ନିର୍ମିତ କୋଭିସିଲ୍ଡ ଟିକା ଯୋଗାଇ ଦେଇଥିବାରୁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋଭିଡ-19 ମହାମାରୀ ସମୟରେ କୁଏତରେ ଏକ ବିଶାଳ ଭାରତୀୟ ସମୁଦାୟର ଯତ୍ନ ନେଇଥିବାରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ କୁଏତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଆଶା କରିଛନ୍ତି ଯେ ଭାରତୀୟ ସମୁଦାୟ ଖୁବ୍ ଶୀଘ୍ର ପୁନଃ କୁଏତ ଗସ୍ତ ଆରମ୍ଭ କରିବାକୁ ସକ୍ଷମ ହେବେ। ସେ କୋଭିଡ-19 ମହାମାରୀ

ବିରୋଧରେ ଲଢେଇରେ କୁଏତକୁ ଭାରତର ନିରନ୍ତର ସମର୍ଥନ ଜଣାଇଛନ୍ତି। ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ଗୁରୁତ୍ୱାରୋପ କରିଛନ୍ତି।

ଭାରତ କୁଏତର ପ୍ରମୁଖ ବାଣିଜ୍ୟ ଭାଗିଦାରଙ୍କ ମଧ୍ୟରେ ରହିଛି। ଶକ୍ତି, ବାଣିଜ୍ୟ, ସ୍ୱାସ୍ଥ୍ୟସେବା, ପ୍ରତିରକ୍ଷା ଏବଂ ନିରାପତ୍ତା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ସାଇବର ନିରାପତ୍ତା, ସଂସ୍କୃତି, ଶିକ୍ଷା ଏବଂ ପର୍ଯ୍ୟଟନ ପରି କ୍ଷେତ୍ରଗୁଡିକରେ ସମ୍ପର୍କକୁ ଆହୁରି ମଜବୁତ ଏବଂ ଗଭୀର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି। ଶକ୍ତି, ଭିତ୍ତିଭୂମି, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ କୁଏତରୁ ଭାରତକୁ ଅଧିକ ପୁଞ୍ଜି ବିନିଯୋଗ ପାଇଁ ବୈଦେଶିକ ମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି।

ଉଭୟ ମନ୍ତ୍ରୀ ସାମ୍ପ୍ରତିକ ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗର ସମୀକ୍ଷା କରିଥିଲେ ଏବଂ ବହୁପକ୍ଷୀୟ ମଞ୍ଚରେ ପାରସ୍ପରିକ ଆଗ୍ରହ ପ୍ରସଙ୍ଗରେ ସମନ୍ୱୟ ରକ୍ଷା କରିବାକୁ ସହମତ ହୋଇଥିଲେ। 2021-22 ରେ ଉଭୟ ପକ୍ଷ ମିଳିତ ଭାବେ ସେମାନଙ୍କ ମଧ୍ୟରେ କୂଟନୈତିକ ସମ୍ପର୍କ ଗଠନର 60 ତମ ବାର୍ଷିକୀ ପାଳନ କରିବେ।

**ନୂଆଦିଲ୍ଲୀ**
**ମାର୍ଚ୍ଚ 18, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.